# ଆଦିବାସୀ ମେଳା-୨୦୧୭ (ତ୍ରୟୋଦଶ ସନ୍ଧ୍ୟା)

## ଆଦିବାସୀ ପଡିଆ ପାଲଟିଛି ପାଠଶାଳା

ଭୁବନେଶ୍ୱର ତା ୭/୨/୨୦୧୭ ଆଦିବାସୀ ମେଳା ୨୦୧୭ ଆଜି ତ୍ରୟୋଦଶ ଦିନରେ ପହଞ୍ଚିଛି । ଆଦିବାସୀ ମେଳା ସରିବା ଉପରେ । ତେବେ ମେଳା ପ୍ରତି ରାଜଧାନୀବାସୀଙ୍କ ଆଗ୍ରହ ସରିବାର ନାହିଁ । ଲଘୁ ବନଜାତ ସାମଗ୍ରୀ କିଣିବା, ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇବା ସାଙ୍ଗକୁ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାର ନିଆରା ଅନୁଭୂତିଦ୍ୱାରା ଆଦିବାସୀ ମେଳାକୁ ଦର୍ଶକମାନେ ଟାଣି ହୋଇ ଆସନ୍ତି । ଲୋକେ ପଚାରି ବୁଝୁଛନ୍ତି କେଉଁ ଦ୍ରବ୍ୟର ଗୁଣ କଣ, ତାକୁ କିପରି ବ୍ୟବହାର କରିବେ ତା ଦ୍ୱାରା କି ଲାଭ ପାଇବେ, ଏ ସବୁର ତଥ୍ୟ ଜାଣି ବିଭିନ୍ନ ଷ୍ଟଲ ବୁଲି ଦର୍ଶକମାନେ ନିଜ ମନ ପସନ୍ଦର ଜିନିଷ କିଣୁଛନ୍ତି । ମହିଳାମାନଙ୍କ ରୂପଚର୍ଯ୍ୟା ନିମନ୍ତେ ବିଭିନ୍ନ ସାମଗ୍ରୀ ସାଙ୍ଗକୁ, ମଧୁମେହ ଉଚ୍ଚରକ୍ତଚାପ, ସନ୍ଧିବାତ, ସ୍ପଣ୍ଡିଲାଇଟିସ, ପେଟ ଯନ୍ତ୍ରଣା, ଛାତି ଜଳାପୋଡ଼ା, ବଦ ହଜମୀ, ଆଣ୍ଠୁଗଣ୍ଠି ବାତ ଆଦି ବିଭିନ୍ନ ରୋଗର ନିରାକରଣ ନିମନ୍ତେ ଉତ୍ତମ ମାନଯୁକ୍ତ ବନଜାତ ସାମଗ୍ରୀକୁ ଦର୍ଶକମାନେ ଆଗ୍ରହର ସହ କିଣୁ ଥିବାର ଲକ୍ଷ୍ୟ କରାଯାଉଛି । କୋଚିଲାଖାଇ ତେଲ ପରି ଅନେକ ପଦାର୍ଥ ଯାହା ସହଜରେ ବଜାରରେ ମିଳେ ନାହିଁ, ସେହିପରି ଦୁର୍ଲଭ ପଦାର୍ଥକୁ ଖୋଜି ଖୋଜି ଲୋକେ କିଣୁଛନ୍ତି । ଗ୍ରାହକମାନେ ଖାଲି ପଇସା ଦେଇ ଜିନିଷ କିଣୁ ନାହାଁନ୍ତି । ସେମାନେ ବରଂ ବିକ୍ରେତାମାନଙ୍କୁ ବିକ୍ରି ପଦାର୍ଥର ଗୁଣବତ୍ତା ବିଷୟରେ ନାନା ପ୍ରକାର ପ୍ରଶ୍ନ ପଚାରୁଛନ୍ତି । ପ୍ରଶ୍ନର ସନ୍ତୋଷ ଜନକ ଉତ୍ତର ପାଇ ସାରିବା ପରେ ଜିନିଷମାନ କିଣୁଛନ୍ତି । ସ୍ୱାସ୍ଥ୍ୟ ଦୃଷ୍ଟିରୁ ନାଲି ଚାଉଳ ହିତକର । ମେଳାରେ ନାଲି ଚାଉଳ ପ୍ରତି ଲୋକେ ଅଧିକ ଆକର୍ଷିତ ହେଉଛନ୍ତି । ସ୍ୱତନ୍ତ୍ର ଢିଙ୍କିରେ ପ୍ରସ୍ତୁତ ନାଲି ଚାଉଳରେ ଭିଟାମିନ୍ ଓ ଖଣିଜ ଲବଣ ଭରପୂର ହୋଇ ରହିଥିବାରୁ ଏହା ସାଧାରଣ ଚାଉଳ ଅପେକ୍ଷା ବେଶ୍ ଉତ୍କୃଷ୍ଟ ।

ଆଦିବାସୀ ଆର୍ଟ ଗ୍ୟାଲେରୀ ଭିତରେ ଓ ବାହାରେ ପ୍ରଦର୍ଶିତ ହୋଇଥିବା ଆଦିବାସୀମାନଙ୍କର ସମାଜ, ସଂସ୍କୃତି ଓ ଜୀବନ ଜୀବିକା ସଂପର୍କିତ ଫଟୋ ଦେଖି ଦର୍ଶକମାନେ ବହୁତ କିଛି ଜ୍ଞାନ ଆହରଣ କରୁଛନ୍ତି । ସନ୍ଧ୍ୟାରେ ପରିବେଷିତ କିସାନ ନୃତ୍ୟ ଓ ଦେଶିଆ କନ୍ଧ ନୃତ୍ୟ ଦେଖି ଦର୍ଶକମାନେ ଆତ୍ମ ବିଭୋର ହୋଇପଡିବା ସହିତ ଲୋକନୃତ୍ୟକୁ ବେଶ୍ ପ୍ରଶଂସା କରିଥିଲେ । ଏହି ମେଳା ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ।